# ଜିଲ୍ଲାପାଳ ଓ ସିଏମ୍‌ସି କମିଶନରଙ୍କ ଏସ୍‌ସିବି ପରିଦର୍ଶନ



କଟକ,୨୯।୬/ଏନ୍‌ଏନ୍‌ଏସ୍: କଟକ ବଡ଼ ମେଡିକାଲ(ଏସ୍‌ସିବି) ସମ୍ପ୍ରସାରଣ ଓ ଉନ୍ନୟନ କାର୍ଯ୍ୟ ଚାଲୁଥିବା ପରିପ୍ରେକ୍ଷୀରେ ଆଜି ପୂର୍ବାହ୍ନରେ ଜିଲ୍ଲାପାଳ ଭବାନୀ ଶଙ୍କର ଚୟନୀ, ସିଏମ୍‌ସି କମିଶନର ଅନନ୍ୟା ଦାସ, ଅତିରିକ୍ତ ଜିଲ୍ଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କ ସହିତ ଗୋପଦ ଅଭିଯାନରେ ବିଭିନ୍ନ ସ୍ଥାନ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ବୈଷ୍ଣ ଶିକ୍ଷାନୁଷ୍ଠାନଠାରୁ ମେଡିକାଲ ଅଞ୍ଚଳର ବେହେରାସାହି, ସୁଇପର କଲୋନୀ ଆଦି ବୁଲି ଦେଖିଥିଲେ। ଏହି ପରିଦର୍ଶନ ବେଳେ ବର୍ତ୍ତମାନ ସୁଦ୍ଧା ବେହେରା କଲୋନୀ ଓ ସୁଇପର କଲୋନୀ ଭିତରେ ଥିବା ୧୫ଟି ଷ୍ଟାଫ୍ କ୍ୱାର୍ଟର୍ସ ଖାଲି ହୋଇଥିବା ଜଣାପଡ଼ିଥିଲା। ଖାଲି ହୋଇଥିବା ଏହି ୧୫ଟି କ୍ୱାର୍ଟର୍ସକୁ ତୁରନ୍ତ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରିବାକୁ ଜିଲ୍ଲାପାଳ ଏସ୍‌ସିବି ମେଡିକାଲର ପ୍ରଶାସନିକ ଅଧିକାରୀ କଳ୍ପତରୁ ବେହେରାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏତଦ୍‌ବ୍ୟତୀତ ସମ୍ପ୍ରସାରଣ ନିମନ୍ତେ ସରକାରଙ୍କ ପୁନଃର୍ବାସ ଓ ଥଇଥାନ ଯୋଜନାରେ ଆର୍ଥିକ ସହାୟତା ପାଇବାପାଇଁ ସେଠାରେ ରହିଥିବା ଆଉକିଛି ସରକାରୀ କ୍ୱାର୍ଟର୍ସ ବାସିନ୍ଦା ତୁରନ୍ତ କ୍ୱାର୍ଟର ଖାଲି କରିବା ଏବଂ ଜବର ଦଖଲକାରୀଙ୍କ ସହିତ ଆଲୋଚନା କରିଥିଲେ। ନୂତନ ସରକାରୀ କ୍ୱାର୍ଟର ମିଳିବା ପର୍ଯ୍ୟନ୍ତ ସେମାନଙ୍କୁ ଘରଭଡ଼ା ଯୋଗାଇ ଦିଆଯିବ ବୋଲି ଜିଲ୍ଲାପାଳ ଏହି ପରିଦର୍ଶନ ସମୟରେ ଆଲୋଚନା ମାଧ୍ୟମରେ ସୂଚନା ପ୍ରଦାନ କରିଥିଲେ। ଏଥିସହିତ ବିସ୍ଥାପିତଙ୍କୁ ବର୍ଦ୍ଧିତ ଘରଭଡ଼ା ଯୋଗାଇଦେବାକୁ ସରକାରଙ୍କୁ ଅନୁରୋଧ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ଏଥିସହିତ ମେଡିକାଲ ସନ୍ନିକଟ କେନାଲ ରୋଡ୍ ସମ୍ପ୍ରସାରଣ ନିମନ୍ତେ ଆଇଏମ୍‌ଏ ଅଧୀନରେ ଥିବା କେତେକ ଗୃହଗୁଡ଼ିକୁ ତୁରନ୍ତ ଖାଲି କରିବାକୁ ପରିଚାଳନା କମିଟିକୁ ଏହି ଅଭିଯାନ ମାଧ୍ୟମରେ ସୂଚିତ କରିଥିଲେ। ଏହି ପରିଦର୍ଶନ ସମୟରେ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଇଂ. ଏମ୍‌ଆର ଖାନ୍‌ଙ୍କ ସମେତ ପିଏଚ୍‌ଡି ଓ ସିଏମ୍‌ସି ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ନିତିଦିନ NITIDIN Tue, Jun 30, 2020
http://odishanewsnitidin.com